Largest Circulated Odia Daily

SAMBAD
ସମ୍ବାଦ
ସର୍ବାଧିକ ପ୍ରଚାରିତ ଓଡ଼ିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT DEEMED UNIVERSITY
www.kiit.org

| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
|---|---|---|---|---|---|---|---|---|

# ପରାଜୟ ଆସନ୍ନ, ହାତରେ ମାତ୍ର ଗୋଟିଏ ଦିନ ଆଉ ୪ ଟି ୱିକେଟ , ଅସମ୍ଭବ ଲକ୍ଷ୍ୟ ପଛରେ ଧାବମାନ ଶ୍ରୀଲଙ୍କା

ତାରିଖ : ୧୨/୨୧/୨୦୦୫

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୭.୫ | ୨୭.୧ |
| କଟକ | ୧୫.୯ | ୨୭.୧ |
| ବାଲେଶ୍ୱର | ୧୭.୫ | ୨୭.୭ |
| ଗୋପାଳପୁର | ୧୯.୧ | ୨୭.୨ |
| ଝାରସୁଗୁଡ଼ା | ୧୩.୦ | ୨୭.୮ |

ବିତର୍କ/ମତାମତ ସଂଗ୍ରହ

ରାଜ୍ୟର ସ୍ୱାର୍ଥ ପାଇଁ କେମିତି ଲଢ଼ିବାକୁ ହୁଏ ଓଡ଼ିଶା ବଙ୍ଗଳାଠାରୁ ଶିଖିବା ଉଚିତ୍ କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାନାନ୍ତରଣ ପ୍ରସଙ୍ଗ: ଓଡ଼ିଶା ସାଂସଦ ଗୃହକାର୍ଯ୍ୟ ରୋକିଦେଲେ, ଉଭୟ ସଦନରେ ହଟ୍ଟଗୋଳ, ସରକାର କହିଲେ ଓଡ଼ିଶା ପ୍ରତି ଧ୍ୟାନ

ନୁଆଦିଲ୍ଲୀ,(ଇମିସ): ଭୁବନେଶ୍ୱର ଠାରେ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନର ସ୍ଥାନାନ୍ତରଣ ପ୍ରସଙ୍ଗକୁ ନେଇ ଗତକାଲି ସଂସଦର ଉଭୟ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଫଳରେ ଲୋକସଭାକୁ ୧୫ମିନିଟ ପାଇଁ ମୁଲତବୀ ଘୋଷଣା କରା ଯାଇଥିଲା। ରାଜ୍ୟସଭାରେ ମଧ୍ୟ ଏହି ବିଷୟକୁ ନେଇ ବିରୋଧି ଦଳ ପକ୍ଷରୁ କକ୍ଷତ୍ୟାଗ କରା ଯାଇଥିଲା।

ଲୋକସଭାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାନାନ୍ତରଣ ମାମଲାରେ ବିଜେଡ଼ି ଓ ବିଜେପି ସଂାସଦମାନେ ସରକାରଙ୍କ ଠାରୁ ସ୍ପଷ୍ଟିକରଣ ଦାବି କରିଥିଲେ। ଏହି ବିଷୟରେ ଆଲୋଚନା ପାଇଁ ଦାବିକରି ସଦସ୍ୟମାନେ ପାଟିକରିବାରୁ ସରକାରଙ୍କ ତରଫରୁ କେନ୍ଦ୍ର ଅର୍ଥ ଓ ଜଳ ସଂଶାଧନ ମନ୍ତ୍ରୀ ପ୍ରିୟରଂଜନ ଦାସମୁନ୍‌ସୀ ବୁଝାଇବା ପାଇଁ ଚେଷ୍ଟା କରିଥିଲେ। ତା'ପରେ ଉଭୟପକ୍ଷ ରାଜି ହୋଇଥିବା ପ୍ରସ୍ତାବ ଅନୁଯାୟୀ ସରକାରଙ୍କ ପକ୍ଷରୁ ଉତ୍ତର ଦେବାକୁ ଯାଇ ପ୍ରତିରକ୍ଷା ମନ୍ତ୍ରୀ ପ୍ରଣବ ମୁଖାର୍ଜି ପ୍ରକାଶ କରିଥିଲେ, ଆଲ୍‌ହାବାଦ, ଭୁବନେଶ୍ୱର, ଚେନ୍ନାଇ ଓ ପୁନାଠାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରି କମିସନ(ୟୁଜିସି)ଙ୍କ ଦ୍ୱାରା ପ୍ରସ୍ତାବ ଦିଆ ଯାଇଥିଲା। ହେଲେ ପ୍ରକୃତରେ ସେ ବିଷୟରେ କୌଣସି ନିଷ୍ପତ୍ତି ନେବାର ଅଧିକାର ୟୁଜିସି ନିକଟରେ ନାହିଁ। ସେ ସଂପର୍କରେ ଆଇନ ବିଭାଗର ମଧ୍ୟ ମତାମତ ନିଆ ଯାଇଥିଲା। ସେମାନେ ବି କହିଥିଲେ ଯେ ଏହା ୟୁଜିସିର କ୍ଷମତାଧିନ ନୁହେଁ। କୋଲକାତାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ହେବା ବିଷୟରେ ଶ୍ରୀ ମୁଖାର୍ଜି କହିଥିଲେ, ପ୍ରଫେସର ସିଏନ୍‌ଆର୍‌ ରାଓଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ମାର୍ଚ୍ଚ ୪ତାରିଖରେ ଅନୁଷ୍ଠିତ ହୋଇଥିବା ପ୍ରଧାନମନ୍ତ୍ରୀଙ୍କ ବୈଜ୍ଞାନିକ ପରାମର୍ଶଦାତା କମିଟିର ବୈଠକରେ ସେହି ପ୍ରସ୍ତାବ ଦିଆ ଯାଇଥିଲା। ସେହି ବୈଠକରେ କୋଲକାତା ସମେତ ପୁନାର ନାମକୁ ସୁପାରିଶ କରା ଯାଇଥିଲା ଓ ସରକାର ସେହି ପ୍ରସ୍ତାବକୁ ଗ୍ରହଣ କରି ନେଇଛନ୍ତି ଓ ଭାରତ ସରକାରଙ୍କ ମାନବ ସଂଶାଧନ ବିଭାଗ ପକ୍ଷରୁ ଏହି ଦୁଇଟି ସ୍ଥାନରେ ପ୍ରତିଷ୍ଠାନ ନିର୍ମାଣ କରିବାର ପ୍ରାଥମିକ କାର୍ଯ୍ୟ ଆରମ୍ଭ କରିଛନ୍ତି। ଅପର ପକ୍ଷରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ସଂପର୍କରେ କୌଣସି ପ୍ରସ୍ତାବ ଦେବା ୟୁଜିସିର କ୍ଷମତା ବାହାରେ ହୋଇଥିବାରୁ ସରକାର ତାହାକୁ ଗ୍ରହଣ କରି ନାହାନ୍ତି। ସେ କହିଥିଲେ ଭୁବନେଶ୍ୱର ଠାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପାଇଁ



**ସାଂସଦ ହେମାମାଳିନୀଙ୍କୁ ଦେଖନ୍ତୁ ଶ୍ରୀରାଧାଙ୍କ ରୂପରେ। ନୂଆଦିଲ୍ଲୀରେ ଏକ ନୃତ୍ୟ କାର୍ଯ୍ୟକ୍ରମରେ ସେ ଅଂଶ ଗ୍ରହଣ କରିଥିଲେ।**

ଅନ୍ୟାନ୍ୟ ଖବର

- ଏଭରେଷ୍ଟ ଅଭିଯାନ ପାଇଁ ଆର୍ଥିକ ସହାୟତା ପାଇବାକୁ କଳ୍ପନାଙ୍କ ନିବେଦନ
- ଆଗାମୀ ଶତାବ୍ଦୀରେ ଆମ ସାହିତ୍ୟ ଅନୁଭବ କାଙ୍ଗାଳ ନ ହେଉ: ସୌମ୍ୟରଂଜନ
- ପଯଷ୍ଟ ଷ୍ଟଜ୍ଞଟନ ବଷ୍ଟ□ଭଷ୍ଟଷ୍ଟଷ୍ଟ□ଗରଷ୍ଟଷ୍ଟ ଉଦଷ୍ଟ□ସଷ୍ଟଗ୍ବନତଷ୍ଟ□: ସଷ୍ଟ□ନ ଘଷ୍ଟ□ଘରଷ୍ଟଷ୍ଟଷ୍ଟ□ ଜନଶଷ୍ଟ□ନଷ୍ଟଜ୍ଞ ଷ୍ଟଗ୍ବହଷ୍ଟଷ୍ଟଷ୍ଟ□ଇପଡ଼□ଭଛଷ୍ଟ□
- ଓଡଷ୍ଟ□ଷ୍ଟ□ଶଷ୍ଟ□ ଡିଷ୍ଟଜ୍ଞଷ୍ଟ□ନଷ୍ଟନ୍ସସ ଏକଷ୍ଟ□ଷ୍ଟଗ୍ବଡଷ୍ଟ□ମଷ୍ଟ□ରଷ୍ଟଷ୍ଟ କଳଷ୍ଟ□କଷ୍ଟ□ରଷ୍ଟଷ୍ଟଙ୍କଜ୍ଞ ଆଷ୍ଟଗ୍ବମରଷ୍ଟ□ଷ୍ଟଷ୍ଟକଷ୍ଟ□ ଗଜ୍ଞସ୍ତଷ୍ଟଷ୍ଟ
- ଡେରାସ ପର୍ଯ୍ୟଟନସ୍ଥଳୀ ହେବା ପରେ ପର୍ଯ୍ୟଟକ ଦେଖା ନାହାନ୍ତି
- ତୁରନ୍ତିରା ସରପଞ୍ଚ ନିଲମ୍ବିତ
- ଧୋଇଆ ଗାନ୍ଧୀ ନୀଳମଣି ପ୍ରଧାନଙ୍କ ଶ୍ରାଦ୍ଧ ବାର୍ଷିକୀ
- 'ଉନ୍ନୟନ କାର୍ଯ୍ୟରେ ଆଦିବାସୀଙ୍କୁ ମଧ୍ୟ ସାମିଲ୍ କରାଯାଉ'
- ପାଦରୁ ଅଳତା ନ ଲିଭୁଣୁ ନବବଧୂର ମୃତ୍ୟୁ:

କୌଣସି ସମୟରେ କେନ୍ଦ୍ର ସରକାରଙ୍କର ଯୋଜନା
ନଥିଲା । ତେଣୁ ତାହାକୁ କୋଲକାତାକୁ ସ୍ଥାନାନ୍ତରିତ କରା
ଯିବାର ପ୍ରଶ୍ନ ଉଠୁ ନାହିଁ । ଏହା ସଂପୂର୍ଣରୂପେ ଏକ ନୂଆ
ପ୍ରସ୍ତାବ । ଏହା ସହିତ ଶ୍ରୀ ମୁଖାର୍ଜି ଓଡ଼ିଶାର ସାଂସଦ
ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଭୁବନେଶ୍ୱରଠାରେ ଜା
ତୀୟ ବିଜ୍ଞାନ ପ୍ରତିଷ୍ଠାନ କରିବା ପାଇଁ ଉଠିଥିବା ଦାବିକୁ
ପ୍ରଧାନମନ୍ତ୍ରୀଙ୍କ ବୈଜ୍ଞାନିକ ପରାମର୍ଶଦାତା କମିଟି ନିକଟକୁ
ପଠାଇ ଦିଆ ଯିବ । ଯଦି କମିଟି ପ୍ରସ୍ତାବରେ ରାଜି ହୁଅନ୍ତି,
ତେବେ ସରକାର ସେ ବିଷୟରେ ଉପଯୁକ୍ତ ପଦକ୍ଷେପ
ନେବେ । ତେବେ ତାଙ୍କର ଏହି ଉତ୍ତର ଓଡ଼ିଶାର ସଂସଦ
ମାନଙ୍କୁ ସନ୍ତୁଷ୍ଟ କରି ପାରିନଥିଲା । ସେମାନେ ବିଜେଡ଼ି
ସାଂସଦ ବ୍ରଜକିଶୋର ତ୍ରିପାଠୀଙ୍କ ନେତୃତ୍ୱରେ ଗୃହର
ମଧ୍ୟଭାଗକୁ ଆସି ନିଜର ଦାବିକୁ ଦୋହରାଇ ଥିଲେ । ନିଜ
ଆସନକୁ ଫେରିଯିବା ପାଇଁ ପ୍ରିଜାଇଡ଼ିଂ ଅଫିସରଙ୍କ
ଅନୁରୋଧକୁ ସେମାନେ ଶୁଣି ନଥିଲେ । ଫଳରେ ସେ
ଗୃହକୁ ୧୫ମିନିଟ ପାଇଁ ମୁଲତବୀ କରି ଦେଇଥିଲେ ।

ସେହିପରି ରାଜ୍ୟସଭାରେ ମଧ୍ୟ ଏହି ବିଷୟକୁ ନେଇ
ଆଲୋଚନା ହୋଇଥିଲା । ଆଲୋଚନାରେ ଦିଆଯିବ ମୁରଲି
ମନୋହର ଯୋଶୀ ଓ ସୁଷମା ସ୍ୱରାଜ ମଧ୍ୟ ଅଂଶ ଗ୍ରହଣ
କରିଥିଲେ । ଶୂନ୍ୟକାଳ ମଧ୍ୟରେ ଏବିଷୟ ଉଠାଇ ବିଜେଡ଼ି
ସାଂସଦ ବୈଜୟନ୍ତ ପଣ୍ଡା ସରକାରଙ୍କ ଠାରୁ ଉତ୍ତର ଦାବି
କରିଥିଲେ । ସରକାରଙ୍କ ତରଫରୁ ସଂସଦୀୟ ବ୍ୟାପାର
ରାଷ୍ଟ୍ରମନ୍ତ୍ରୀ ସୁରେଶ ପଚୌରି କହିଥିଲେ ଯେ ଏନ୍‌ଡିଏ
ସରକାରଙ୍କ ଅମଳରେ ଏହି ଭଳି କୌଣସି ନିଷ୍ପତ୍ତି ନିଆ
ଯାଇଥିଲା କି ନା ସେ ବିଷୟରେ ସେ ଅବଗତ ନାହାନ୍ତି ।
ଯଦି ନିଷ୍ପତ୍ତି ନିଆ ହୋଇଥିବ ତେବେ ତାହା ନିଶ୍ଚିତ ଭାବେ
କାର୍ଯ୍ୟକାରୀ କରା ଯିବ । ତେବେ ସଂପୃକ୍ତ ବିଭାଗକୁ ସେ
ଓଡ଼ିଶାର ଲୋକଙ୍କ ଭାବାବେଗ ସଂପର୍କରେ ଅବଗ
ତ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ
ତାଙ୍କର ଉତ୍ତର ସଦସ୍ୟମାନଙ୍କୁ ସନ୍ତୁଷ୍ଟ କରି ପାରି
ନଥିଲା । ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ
ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତି ଦେବାକୁ ବିଜେପିର ସୁଷମା
ସ୍ୱରାଜ ଦାବି କରିଥିଲେ । ମନ୍ତ୍ରୀ ନିର୍ଦ୍ଦିଷ୍ଟ ଭାବରେ କିଛି
ଉତ୍ତର ନଦେବାର ଅଭିଯୋଗ କରି ତା'ପରେ ବିରୋଧି
ଏନ୍‌ଡିଏ ସଦସ୍ୟମାନେ କକ୍ଷ ତ୍ୟାଗ କରିଥିଲେ ।
ଲୋକସଭା ସଦସ୍ୟ ବ୍ରଜକିଶୋର ତ୍ରିପାଠୀ ତାଙ୍କ ପ୍ର
ତିକ୍ରିୟାରେ କହିଛନ୍ତି, ସରକାର ନିଜ ପ୍ରତିଶ୍ରୁ୍‌ୃତି
ପାଳନକରନ୍ତୁ । ନଚେତ ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ
ଓଡ଼ିଶାର ସାଂସଦମାନେ ପୁଣି ଉପଯୁକ୍ତ ପଦକ୍ଷେପ ନେବେ ।
ବିଜେପିର ରୁଦ୍ରନାରାୟଣ ପାଣି କହିଛନ୍ତି ଯେ ସରକାରଙ୍କ
ଏହି ଅପରିଣାମଦର୍ଶୀ ପଦକ୍ଷେପ ଯୋଗୁଁ ଓଡ଼ିଶା ଓ
ପଶ୍ଚିମବଙ୍ଗ ଅଧିବାସୀଙ୍କ ଭିତରେ ଅଜଥା ଦ୍ୱନ୍ଦ ହେବା ଭଳି
ପରିସ୍ଥିତି ସୃଷ୍ଟି ହୋଇଛି ।

ସୁଷମା ଓ ଜୋଶୀଙ୍କ ପ୍ରଶ୍ନ:କୋଲକାତାକୁ ବିଜ୍ଞାନ ପ୍ରତିଷ୍ଠାନ
ନେଲା କିଏ?

ନୂଆଦିଲ୍ଲୀ, : ଭୁବନେଶ୍ୱର ବଦଳରେ କୋଲକାତାରେ ଜା
ତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବା ନିଷ୍ପତ୍ତିକୁ
ବିଜେପି ନେତ୍ରୀ ସୁଷମା ସ୍ୱରାଜ ଓ ପୂର୍ବତନ କେନ୍ଦ୍ର
ମାନବସମ୍ବଳ ବିକାଶ ବିଭାଗ ମନ୍ତ୍ରୀ ଡ. ମୂରଲୀମନୋହର
ଜୋଶୀ ଦୃଢ଼ ବିରୋଧ କରିଛନ୍ତି ।

ସ୍ୱାମୀ, ଶ୍ୱଶୁର ଗିରଫ
- ଏନ୍‌ଆଇଟି'୬୯ର ଦୁଇ ଦିନିଆ ସମ୍ମିଳନୀ
- ମାଆ-ଝିଅଙ୍କୁ ହତ୍ୟା ପରେ ପୋଡ଼ା ଯାଇଥିଲା
- କନେଷ୍ଟବଳଙ୍କୁ ମାଡ଼ ଘଟଣା: ଦ୍ୱିତୀୟ ଦିନ ପାଇଁ ଟ୍ରାଫିକ ବ୍ୟବସ୍ଥା ଅଚଳ, ୨ ଗିରଫ

ଶ୍ରୀମତୀ ସ୍ୱରାଜ କହିଛନ୍ତି ଯେ ଏନଡିଏ ସରକାର ଭୁବନେଶ୍ୱର ସମେତ ଚାରିଟି ସ୍ଥାନରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା କରାଯିବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ୟୁପିଏ ସରକାର ଭୁବନେଶ୍ୱରକୁ ବାଦ ଦେଇ କୋଲକାତାରେ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଲେ । ଏହା ଓଡ଼ିଶାବାସୀଙ୍କ ପ୍ରତି ଅନ୍ୟାୟ । ଏଭଳି ନିଷ୍ପତ୍ତି କିଏ ନେଲା(?) ବୋଲି ସେ ପ୍ରଶ୍ନ କରିଛନ୍ତି । ଏହା ଦ୍ୱାରା ରାଜ୍ୟ ରାଜ୍ୟ ମଧ୍ୟରେ ଆଞ୍ଚଳିକ ଭେଦଭାବ ସୃଷ୍ଟି ହେବ ବୋଲି ସେ ସତର୍କ କରାଇଦେଇଛନ୍ତି । ସରକାର ନିଷ୍ପତ୍ତି ବଦଳାଇବାକୁ ସେ ଦାବି କରିଛନ୍ତି । ପୂର୍ବତନ ମାନବସମ୍ବଳ ବିକାଶ ମନ୍ତ୍ରୀ ଡ. ମୂରଲୀ ମନୋହର ଜୋଶୀ ମଧ୍ୟ ଅନୁରୂପ ବକ୍ତବ୍ୟ ରଖି ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠାକୁ ସମର୍ଥନ କରିଛନ୍ତି ।

ପୂର୍ବପୃଷ୍ଠା

Copyright © 2001 orissasambad.com

Site Developed by : www.wayindia.com